➢ ଏହି ରୋଗ ହେଲେ ଷ୍ଟ୍ରେପଟୋସାଇକ୍ଲିନ୍ ୧୫୦ ମିଲିଗ୍ରାମ ସହିତ କପର ଅକ୍ସିକ୍ଲୋରାଇଡ଼ ୧ ଗ୍ରାମ କିମ୍ବା ପ୍ଲାଣ୍ଟୋମାଇସିନ୍ ୧ ଗ୍ରାମ କୁ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ରୋଗ ଦମନ ହୋଇଥାଏ ।

### ପତ୍ରସଢା ରୋଗ

➢ କେଣ୍ଡା ପାଖାପାଖି ପତ୍ର ମୂଳରେ ମାଟିଆ ଦାଗ ହୋଇଥାଏ । ସମୟ ସମୟରେ ପତ୍ର ସଢା ରୋଗ ବଢିଗଲେ କେଣ୍ଡା ବାହାରି ପାରେ ନାହିଁ । ବାଭିଷ୍ଟିନରେ ବିହନ ବିଶୋଧନ କରି ଧାନ ବୁଣିଲେ ଏହି ରୋଗ ହୋଇନଥାଏ ।

➢ ଯଦି ରୋଗ ହୁଏ, ତେବେ ମାନ୍‌କୋଜେବ୍ ୨.୫ ଗ୍ରାମ୍/ଲିଟର କିମ୍ବା ବାଭିଷ୍ଟିନ ୨ ଗ୍ରାମ୍/ଲିଟର କିମ୍ବା ବେନୋମିଲ୍ ୦.୫ ଗ୍ରାମ୍/ଲିଟର ହିସାବରେ ସିଞ୍ଚନ କଲେ ପତ୍ରସଢା ରୋଗ ନିୟନ୍ତ୍ରଣ ହୋଇଥାଏ ।

### କୀଟ ନିୟନ୍ତ୍ରଣ

### କାଣ୍ଡବିନ୍ଧା ପୋକ

➢ କାଣ୍ଡବିନ୍ଧା ପୋକର ସଂବାଳୁଆ ଧାନ ଗଛର ଗଣ୍ଠି ପାଖରେ ଛିଦ୍ରକରି ପଶିଥାଏ ଓ କାଣ୍ଡର କଅଁଳିଆ ଅଂଶକୁ ଖାଇଥାଏ । କାଣ୍ଡ ଝାଉଁଳି ଶୁଖିଯାଏ ।

➢ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ଜଳମଗ୍ନ ଧାନରେ ଅସୁବିଧା ହୋଇଥାଏ । ତେଣୁ ଟ୍ରାଇକୋଗାମା ନାମକ ପରଜୀବି ଜୀବାଣୁ ଛାଡ଼ିବା ଦ୍ୱାରା ଏହା କାଣ୍ଡବିନ୍ଧା ପୋକର ଅଣ୍ଡାକୁ ନଷ୍ଟ କରିଥାଏ ।

➢ ଯଦି ପାଣିର ପତନ କମ ରହେ, ତେବେ, କାର୍ବୋଫ୍ୟୁରାନ ୩ଜି କୁ ୩୩ କି.ଗ୍ରା. ପ୍ରତି ହେକ୍ଟର କିମ୍ବା କାର୍ବୋସଲଫାନ୍ ୨ ମି.ଲି. /ଲିଟର ହିସାବରେ ପ୍ରୟୋଗ କଲେ ଏହି କୀଟକୁ ନିୟନ୍ତ୍ରଣ କରିହୁଏ ।

➢ ରୋଗ ଏବଂ କୀଟ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ହାରାହାରି ୫୦୦ ଲିଟର ରାସାୟନିକ ମିଶ୍ରଣ ସିଞ୍ଚନ କରିବାକୁ ପଡିଥାଏ।

### ଧାନ ଅମଳ

➢ ଫୁଲ ଉଡେଇବାର ୨୫ ରୁ ୩୦ ଦିନ ମଧ୍ୟରେ ଧାନ କାଟି ଆଣନ୍ତୁ । ଧାନକୁ ଅମଳ ପରେ ଭଲଭାବେ ପାଛୁଡ଼ି ଶୁଖାଇ ରଖନ୍ତୁ । ଧାନରେ ଜଳୀୟ ଅଂଶ ଶତକଡ଼ା ୧୨ ରୁ ୧୫ ପ୍ରତିଶତ ମଧ୍ୟରେ ରହିବା ବାଞ୍ଛନୀୟ ।

### ଫସଲ ପର୍ଯ୍ୟାୟ

➢ ଖାଲ ଜମିରେ ଧାନ ଚାଷ ପରେ ମୁଗ, ରାଶି, ଝୁଡଙ୍ଗ ଓ ତରଭୂଜ ଇତ୍ୟାଦି ସୀମିତ ଜଳସଚନରେ ଚାଷ କରିପାରିବେ।

## ସିଆର ଧାନ ୫୦୦

**ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର-୮୭**

©**ସମସ୍ତ ସତ୍ତ୍ୱ ସଂରକ୍ଷିତ** - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ଅପ୍ରେଲ ୨୦୧୩

**ସମ୍ପାଦନ ଏବଂ ପୃଷ୍ଠ ବିନ୍ୟାସ** - ବିଶ୍ୱନାଥ ଷଡଙ୍ଗୀ ଏବଂ ସଂଧ୍ୟାରାଣୀ ଦଲାଲ

**ଫଟୋ** - ପ୍ରକାଶ କର ଏବଂ ଭଗବାନ ବେହେରା

ମୁଦ୍ରଣ-ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ,
ଓଡିଶା-୭୫୩ ୦୦୬ ତରଫରୁ ପ୍ରକାଶିତ

# ସି ଆର ଧାନ ୫୦୦

## ଜଳମଗ୍ନ ଓ ଖାଲ ଜମି ପାଇଁ ଅଧିକ ଅମଳକ୍ଷମ କିସମ

ଶରତ୍ କୁମାର ପ୍ରଧାନ, ଲମ୍ବୋଦର ବେହେରା, ସୋମ୍ୟରଞ୍ଜନ ବାରିକ୍, ସୁଶାନ୍ତ କୁମାର ଦାଶ, ଜ୍ୟୋତିରଞ୍ଜନ ମିଶ୍ର, ଅମଲ ଘୋଷ, ବିଶ୍ୱନାଥ ଷଢଙ୍ଗୀ, ଓଁକାର ନାଥ ସିଂ ଏବଂ ତ୍ରିଲୋଚନ ମହାପାତ୍ର




### ଜଳମଗ୍ନ ଜମିର ସମସ୍ୟା

ସାଧାରଣତଃ ଯେଉଁ ଖାଲ ଜମିରେ ପାଣିର ଉଚ୍ଚତା ୭୫ ରୁ ୧୦୦ ସେ.ମି. ପର୍ଯ୍ୟନ୍ତ ଧାନ ଗଛର ବୃଦ୍ଧି ସମୟରେ ଏକ ମାସରୁ ଅଧିକ ରହେ, ତାହାକୁ ଜଳମଗ୍ନ/ଡିପ୍ ୱାଟର୍ ଜମି କୁହାଯାଏ । ୧୦୦ ସେ.ମି. ରୁ ଅଧିକ ଉଚ୍ଚତା ପାଣି ଜମି ରହିଲେ, ସେଥିରେ ଚାଷ ହେଉଥିବା ଧାନକୁ ଭାସମାନ ବା ଫ୍ଲୋଟିଙ୍ଗ ଧାନ ଆଖ୍ୟା ଦିଆଯାଏ । ଆମ ଦେଶରେ ଏହି ପ୍ରକାର ଧାନ ଚାଷ ପ୍ରାୟ ସମସ୍ତ ଧାନଚାଷର ଶତକଡ଼ା ୫ ଭାଗ ଅଞ୍ଚଳରେ କରାଯାଇଥାଏ । ଏହି ପ୍ରକାର ଧାନଚାଷରୁ ବହୁତ ଅଳ୍ପ ଉତ୍ପାଦନ ମିଳିଥାଏ କାରଣ ଏହି ଧାନ ଚାଷରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ । ଜଳମଗ୍ନ ପରିସ୍ଥିତିରେ ଧାନ ଉତ୍ପାଦନ ପାଇଁ କିସମର ପାଣି ସହଣୀ ଶକ୍ତି, ଠିଆ ହୋଇ ରହିବା, ଅଧିକ ଅମଳ କ୍ଷମତା ଓ କାଣ୍ଡବିନ୍ଧା ପୋକ ଏବଂ ପତ୍ରପୋଡ଼ା ରୋଗ ସହଣୀଶକ୍ତି ଇତ୍ୟାଦି ଗୁଣ ଗୁଡ଼ିକ ଧାନ କିସମରେ ରହିବା ଉଚିତ୍ ।

### କିସମ

କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନରୁ ବିକଶିତ ହୋଇଥିବା ସି ଆର ଧାନ ୫୦୦ କିସମଟି ଅଧିକ ଅମଳକ୍ଷମ ହେବା ସଙ୍ଗେ ସଙ୍ଗେ ଜଳମଗ୍ନ ପରିବେଶରେ ଚାଷ କରାଯାଇ ପାରିବ । ଏହା ଓଡ଼ିଶା ଓ ଉତ୍ତର ପ୍ରଦେଶ ରାଜ୍ୟ ପାଇଁ ଉପଯୁକ୍ତ ଅଟେ । ଏହି କିସମଟି ଜଳମଗ୍ନ ଜମିରେ ହେକ୍ଟରପ୍ରତି ଓଡ଼ିଶାରେ ହାରାହାରି ୪୫ କ୍ୱିଣ୍ଟାଲ ଓ ଉତ୍ତର ପ୍ରଦେଶରେ ୩୧ କ୍ୱିଣ୍ଟାଲ ଅମଳ ଦେଇଥାଏ । ସି ଆର ଧାନ ୫୦୦ କିସମଟି ୧୬୦ ରୁ ୧୬୫ ଦିନରେ ପାଚିଥାଏ ଓ ଗଛ ଡେଙ୍ଗା ହୁଏ । ଏହି କିସମର ମଧ୍ୟମ ପିଲ ଦେବା କ୍ଷମତା ଥାଏ, ତଥା ୧୦୦୦ ଚାଉଳର ଓଜନ ୨୪ ଗ୍ରାମ ହୋଇଥାଏ । ସି ଆର ଧାନ ୫୦୦ରେ ମହିଷା, ପତ୍ରଦାଗ, କାହାଳିଆ ପୋକ ଓ କାଣ୍ଡବିନ୍ଧା ପୋକ ଆକ୍ରମଣ ପାଇଁ ସହଣୀ ଶକ୍ତି ଅଛି ।

| ସି ଆର ଧାନ ୫୦୦ କିସମର ଗୁଣାବଳୀ | |
|---|---|
| ଉଚ୍ଚତା - ୧୪୦ ରୁ ୧୫୫ ସେ.ମି. | ଚାଉଳର ଲମ୍ବା - ୫.୬ ମି.ମି. |
| ଏକ ବୁଦାରେ ହାରାହାରି ପିଲ ସଂଖ୍ୟା - ୬ ରୁ ୮ | ଚାଉଳର ମୋଟା - ୨.୧ ମି.ମି. |
| କେଣ୍ଡା ସଂଖ୍ୟା ବର୍ଗ ମିଟର ପ୍ରତି - ୨୨୨ | ଚାଉଳର ଲମ୍ବା/ମୋଟା ଅନୁପାତ- ୨.୬ |
| ଫୁଲ ଉଡ଼ାଇବା ଅବଧି - ୧୩୫ ରୁ ୧୪୦ ଦିନ | କେଣ୍ଡାର ପ୍ରକାର-ଗୁଚ୍ଛ |
| କେଣ୍ଡା ବାହାରିବା ପ୍ରକାର - ସଂପୂର୍ଣ୍ଣ | ଚାଉଳ-ଧଳା |
| ଶୁଙ୍କ - ନାହିଁ | ଚାଉଳ ପ୍ରକାର - ମଧ୍ୟମ ସରୁ |
| ୧୦୦୦ ଚାଉଳର ଓଜନ - ୨୪ ଗ୍ରାମ | ଧାନରୁ ଚାଉଳ ପରିମାଣ - ୭୧% |
| ବାସ୍ନା - ନାହିଁ | ଆମାଇଲୋଜ - ୨୫% |

## ଅଧିକ ଅମଳ ପାଇଁ ଚାଷ ପ୍ରଣାଳୀ

### ଉତ୍ତମ ବିହନ ଓ କିସମ

- ହୃଷ୍ଟପୁଷ୍ଟ ଓ ନିରୋଳା ପ୍ରମାଣିତ ବିହନ ସି ଆର ଧାନ ୫୦୦ କୌଣସି ଅନୁଷ୍ଠାନରୁ ଯୋଗାଡ଼ କରନ୍ତୁ ଅଥବା ବିହନଟି କୌଣସି ମୁଖ୍ୟ ରୋଗ ଓ ପୋକ ଲାଗି ନଥିବା ଚାଷ ଜମିରୁ ଅମଳ କରି ରଖନ୍ତୁ ।
- ବିହନ କିସମରେ ଶତକଡ଼ା ୮୦ ଭାଗରୁ ଅଧିକ ଗଜା ହେବା କ୍ଷମତା ରହିବା ଦରକାର ।

### ଜମି ପ୍ରସ୍ତୁତି

- ମୌସୁମୀ ବାୟୁ ପ୍ରବାହିତ ବର୍ଷା ପୂର୍ବରୁ ଜମିକୁ ୨ ରୁ ୩ ଓଡ଼ ଲୁହାଲଙ୍ଗଳରେ ଖରାଟିଆ ଚାଷ କରିଦିଅନ୍ତୁ ।
- ବୁଣିବା ପୂର୍ବରୁ ଥରେ ରୋଟାଭେଟର ଦ୍ୱାରା ଚାଷ କଲେ ମାଟି ଭଲଭାବେ ଗୁଣ୍ଡ ହୋଇଥାଏ । ଜମିକୁ ସମତୁଲ କରିଦିଅନ୍ତୁ ।

### ବୁଣିବା ସମୟ

- ମୌସୁମୀ ବାୟୁ ପ୍ରବାହ ପୂର୍ବରୁ ଜମିର ବତର ଦେଖି ବିହନ ବୁଣି ଦିଅନ୍ତୁ । ସମ୍ଭବତଃ ମଇ ମାସ ପ୍ରଥମ ସପ୍ତାହରୁ ଜୁନ ମାସ ପ୍ରଥମ ସପ୍ତାହ ମଧ୍ୟରେ ମଞ୍ଜି ବୁଣିବାର ପ୍ରକୃଷ୍ଟ ସମୟ ।
- ପାଣି ଜମିବା ପୂର୍ବରୁ ଗଛ ସଂଖ୍ୟା ସଠିକ୍ ରଖନ୍ତୁ । ହେକ୍ଟରକୁ ଛଟା ବୁଣା କଲେ ୧୦୦ କି.ଗ୍ରା. ଓ ଲଙ୍ଗଳ ସିଆରରେ ବୁଣିଲେ ୮୦ କି.ଗ୍ରା. ବିହନ ଦରକାର ହୋଇଥାଏ ।

### ବିହନ ବିଶୋଧନ

- ପ୍ରତି ଏକ କି.ଗ୍ରା. ବିହନରେ ୨ ଗ୍ରାମ ଆଗ୍ରୋସାନ କିମ୍ବା ସେରେସାନ ଔଷଧ ଗୁଣ୍ଡକୁ ମିଶାଇ ବିହନ ବୁଣନ୍ତୁ ।

### ସାର ପ୍ରୟୋଗ

- ପାଣି ଜମିବା ପୂର୍ବରୁ ଗଛର ଠିକ୍ ବୃଦ୍ଧି ନିମନ୍ତେ ମୂଳସାର ବ୍ୟବହାର କରିବା ଦରକାର । ଯବକ୍ଷାରଜାନ, ଫସ୍ଫରସ୍ ଓ ପଟାସ ସାରକୁ ହେକ୍ଟର ପିଛା ୪୦:୨୦:୨୦: କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।




- ଅଧା ଯବକ୍ଷାରଜାନ ସାର, ସମସ୍ତ ଫସ୍ଫରସ୍ ଓ ତିନି ଚତୁର୍ଥାଂଶ ପଟାସ ସାରକୁ ମୂଳସାର ହିସାବରେ ଲଙ୍ଗଳ ସିଆରରେ ଧାଡ଼ି ବୁଣା ଧାନ ରେ ପକାନ୍ତୁ, ଏଥି ସହିତ ୫ଟନ୍ ସଢା ଗୋବର ଖତ ମଧ ପକାନ୍ତୁ ।
- ଧାନ ବେଉଷଣ ପରେ କିମ୍ବା ଧାଡ଼ି ବୁଣାରେ ଘାସ ବଛା ପରେ ୧୦ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ଓ ବାକି ଯବକ୍ଷାରଯାନ ଓ ପଟାସ୍ ସାରକୁ ପାଣି କମିଲେ ଧାନ କେଣ୍ଡା ବହାରିବା ଠିକ୍ ପୂର୍ବରୁ ପ୍ରୟୋଗ କରନ୍ତୁ ।

### ଅନ୍ତଃ ଚାଷ ଓ ଘାସବଛା

- ପାଣି ଜମିବା ପୂର୍ବରୁ ବେଉଷଣ, ଖେଳୁଆ ଓ ଘାସବଛା ସାରିଦେବା ଦରକାର । ଏହା ପ୍ରାୟ ଧାନ ବୁଣିବାର ୪୫ ରୁ ୫୦ ଦିନ ମଧ୍ୟରେ ସାରିଦିଅନ୍ତୁ । ବିସ୍‌ପାରିବେକ ସୋଡ଼ିୟମ ୩୦ ଗ୍ରାମ୍ ଏ.ଆଇ. ଏକ ହେକ୍ଟର ଜମିରେ ସିଞ୍ଚନ କଲେ ତୃଣ ଦମନ ହୋଇଥାଏ ।
- ଏହି ଔଷଧ ବଜାରରେ ନୋମିନି ଗୋଲ୍ଡ଼, ସେଗାର୍ଡ, କ୍ରପଷ୍ଟାର, ଲଙ୍ଗଷ୍ଟାର ଇତ୍ୟାଦି ନାମରେ ମିଳିଥାଏ ।
- ଏହି ଔଷଧକୁ ବିହନ ବୁଣିବାର ୧୨ ଦିନ ପରେ ପ୍ରୟୋଗ କରାଯାଇ ପାରେ । ଶୀଘ୍ର ବନ୍ୟା ଆସି ଯଦି ଗଛସଂଖ୍ୟ କମିଥାଏ, ତାହାହେଲେ ସେହି କିସମର ତଳିଥିଲେ ଖାଲିସ୍ଥାନରେ ରୁଅନ୍ତୁ କିମ୍ବା ବଞ୍ଚିଥିବା ଗଛର ବୁଦାକୁ ଚିରି ଖାଲି ଜାଗାରେ ଲଗାନ୍ତୁ (ଖେଳୁଆ କରନ୍ତୁ) ।

## ରୋଗ ନିୟନ୍ତ୍ରଣ

### ପତ୍ରପୋଡ଼ା ରୋଗ

- ପତ୍ରପୋଡ଼ା ରୋଗ ପତ୍ରର ଅଗ୍ରରୁ କିମ୍ବା ପତ୍ର କଡ଼ରୁ ଆରମ୍ଭ ହୋଇ ପୁରା ପତ୍ରକୁ ପୋଡ଼ିଲା ସଦୃଶ କରି ଦେଇଥାଏ ।
- ରୋଗ ଆରମ୍ଭରୁ ଇଷତ୍ ହଳଦିଆ ରଙ୍ଗରୁ ପାଉଁଶିଆ ରଙ୍ଗରେ ପତ୍ର ପରିଣତ ହୋଇଥାଏ । ଏହି ରୋଗ ଅଧିକ ମାତ୍ରାରେ ଯବକ୍ଷାରଜାନ ପ୍ରୟୋଗ ଦ୍ୱାରା ତ୍ୱରାନ୍ୱିତ ହୋଇଥାଏ ।